# ଉତ୍ତର ଭାରତରେ ମୃଦୁ ଭୂକମ୍ପ

ନୂଆଦିଲ୍ଲୀ ୬।୧୨/ଏଜେନ୍ସି:

ଦିଲ୍ଲୀ ସମେତ ଉତ୍ତର ଭାରତର କିଛି ସ୍ଥାନରେ ଭୂମିକମ୍ପ ଅନୁଭୂତ ହୋଇଛି। ଏହି ଭୂମିକମ୍ପର ତୀବ୍ରତା ରିକ୍ଟର୍ ସ୍କେଲ୍‌ରେ ୫ ରହିଥିଲା ବୋଲି ଜଣାପଡ଼ିଛି। ସନ୍ଧ୍ୟା ୮.୪୯ ବେଳେ ଏହି ଭୂକମ୍ପ ଦିଲ୍ଲୀ ଏନ୍‌ସିଆର୍, ଉତ୍ତରାଞ୍ଚଳ, ହରିଆଣା ଓ ପଞ୍ଜାବ ଆଦି ସ୍ଥାନରେ ଅନୁଭୂତ ହୋଇଥିଲା। ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି, ଏହାର ଉତ୍ପତ୍ତି ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗରୁ ହୋଇଥଲା ଏବଂ ରିକ୍ଟର ସ୍କେଲ୍‌ରେ ତୀବ୍ରତା ୫.୫ ଥିଲା, ଏଥିରେ କିଛି କ୍ଷୟକ୍ଷତି ହୋଇଥିବାର ସୂଚନା ନାହିଁ।

# ଓଷ୍ଟା ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୬।୧୨/ଏନ୍‌ଏନ୍‌ଏସ୍:

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତା'ର ଆନ୍ଦୋଳନକୁ ସ୍ଥଗିତ ରଖିଛି। ଦାବି ପୂରଣ ଦିଗରେ ସରକାର ପଦକ୍ଷେପ ନେବେ ବୋଲି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଓ ବିଦ୍ୟାଳୟ-ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରହିଲା ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ୪ଦଫା ଦାବି ପୂରଣ ନେଇ ଓଷ୍ଟା ଆଜି ଆନ୍ଦୋଳନକୁ ଓହ୍ଲାଇଥିଲା। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୮ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ କରିବାକୁ ଧାର୍ଯ୍ୟ ହୋଇଥିଲା। ସଂଘର ପ୍ରତିନିଧି ଦଳ ସହିତ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଓ ବିଦ୍ୟାଳୟ-ଗଣଶିକ୍ଷା ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ର ଆଜି ଆଲୋଚନା କରିଥିଲେ। ଦାବି ସମ୍ପର୍କରେ ଆସନ୍ତା ୧୨ରେ ପୁଣିଥରେ ବୈଠକ ହେବ। ▶▶ ୭